# NATIONAL NEWS BULLETIN (ODIA)

## 21st May' 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଞ୍ଚଦେଶୀୟ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ।

— ଭାରତ-ଇଟାଲୀ ସମ୍ପର୍କକୁ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତା ସ୍ତରକୁ ନେବା ଲାଗି ଉଭୟ ଦେଶର ପ୍ରତିବଦ୍ଧତା ପ୍ରକାଶ ।

- ପଶ୍ଚିମବଙ୍ଗ ଫାଲ୍‌ଟା ବିଧାନସଭା ଆସନରେ ଆଜି ଅନୁଷ୍ଠିତ ହେଉଛି ପୁନଃ ମତଦାନ ।

- ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ପର୍କରେ ଭ୍ରମାତ୍ମକ ତଥ୍ୟ ପ୍ରଚାର ରୋକିବା ନେଇ ସାମାଜିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କେନ୍ଦ୍ର ଶିକ୍ଷାମାନ୍ତ୍ରୀଙ୍କ ଆଲୋଚନା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୪ ୱିକେଟ୍‌ରେ ପରାସ୍ତ କଲା କୋଲକାତା ନାଇଟ୍ ରାଇଡର୍ସ ।

# ପି.ଏମ୍. - ଇଟାଲୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଟାଲୀ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପଞ୍ଚଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦି ଇଟାଲୀ ଗସ୍ତ କରିଥିଲେ । ଗତକାଲି ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତା ସ୍ତରକୁ ନେବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଉଭୟ ଦେଶ ମଧ୍ୟରେ ଶ୍ରୀ ମୋଦିଙ୍କ ଗସ୍ତକାଳରେ କୃଷି, ବିରଳ ଖଣିଜ ପଦାର୍ଥ, ଆୟୁର୍ବେଦ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ନର୍ସମାନଙ୍କ ସେବା ପ୍ରଦାନ ନେଇ ଅନେକଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ମିଳିତ ପ୍ରେସ୍ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଇଟାଲୀ ପ୍ରତିପକ୍ଷ ଜର୍ଜିଆ ମେଲୋନି କହିଛନ୍ତି, ଉଭୟ ଦେଶ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ବିକାଶ ଏବଂ ଉତ୍ପାଦନ ନେଇ ସହଯୋଗ କରିବେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଉଭୟ ଦେଶ ପୋତାଶ୍ରୟ ଆଧୁନିକୀକରଣ, ଜାହାଜ

ଚଳାଚଳ, ପରିବହନ ଏବଂ ନୀଳ ଅର୍ଥନୀତିର ବିକାଶ ଦିଗରେ କାର୍ଯ୍ୟ କରିବେ ।

ଶ୍ରୀ ମୋଦି କହିଛନ୍ତି, ୟୁକ୍ରେନ୍, ପଶ୍ଚିମ ଏସିଆ ଏବଂ ବିଶ୍ୱର ବିଭିନ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା ଉତ୍ତେଜନାର ସମାଧାନ ଦିଗରେ ଉଭୟ ଦେଶ କାର୍ଯ୍ୟ କରୁଛନ୍ତି । ଭାରତ ଆପୋଷ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଉଛି ବୋଲି ଶ୍ରୀ ମୋଦି କହିଛନ୍ତି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି, ଉଭୟ ଦେଶ ଅତ୍ୟାଧୁନିକ ବିନିର୍ମାଣ, ଭିତ୍ତିଭୂମି, ଶକ୍ତି, ମହାକାଶ ଅର୍ଥନୀତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ଭାବେ ଅଗ୍ରସର ହେଉଛନ୍ତି । ବିରଳ ଖଣିଜ ପଦାର୍ଥ, କୃଷି ଶିଳ୍ପ, ସାମୁଦ୍ରିକ ପରିବହନ ଏବଂ ପର୍ଯ୍ୟଟନ ଓ ସଂସ୍କୃତି କ୍ଷେତ୍ରରେ ଉଭୟ ଦେଶରେ ଅପାର ସମ୍ଭାବନା ରହିଥିବା ଇଟାଲୀ ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀ ମୋଦି ଇଟାଲୀ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ କରିଥିବାବେଳେ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନଜନକ ୟୁ.ଏନ୍. ଏଗ୍ରିକୋଲା ମେଡାଲ୍‌ରେ ସମ୍ମାନିତ କରାଯାଇଛି । ଉଭୟ ଦେଶ ୨୦୨୭କୁ ଇଟାଲୀ-ଭାରତ ସଂସ୍କୃତି ଓ ପର୍ଯ୍ୟଟନ ବର୍ଷ ଘୋଷଣା କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି :

***Voice (PM FAO Award)*** :......

# ରୁବିଓ - ଭିଜିଟ୍

ଆମେରିକାର ବିଦେଶ ମନ୍ତ୍ରୀ ମାର୍କ ରୁବିଓ କହିଛନ୍ତି, ସେ ଭାରତରେ ଥିବା ସହଯୋଗୀମାନଙ୍କ ସହ ଆମେରିକାର ୨୫୦ତମ ବାର୍ଷିକୀ ପାଳନ କରିବା ଲାଗି ଅପେକ୍ଷା କରିଛନ୍ତି । ଭାରତ ଗସ୍ତ ପୂର୍ବରୁ ଏକ ଭିଡ଼ିଓରେ ଶ୍ରୀ ରୁବିଓ କହିଛନ୍ତି, ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ଆମେରିକା ବିଶ୍ୱର ସବୁଠାରୁ ପୁରାତନ ଗଣତନ୍ତ୍ର ହୋଇଥିବାରୁ ଆମେରିକା ଭାରତ ସହ ଏହି ଦିବସ ପାଳନ କରିବାକୁ ଆଗ୍ରହୀ । ଭାରତରେ ଥିବା ଆମେରିକାର ଦୂତାବାସ ପକ୍ଷରୁ ଏହି ଭିଡ଼ିଓଟି ସେୟାର କରାଯାଇଛି ।

ଆସନ୍ତା ଜୁଲାଇ ୪ ତାରିଖରେ ଆମେରିକା ଐତିହାସିକ ସ୍ୱାଧୀନତା ଘୋଷଣାନାମା ସ୍ୱାକ୍ଷରର ୨୫୦ ବର୍ଷ ପାଳନ କରିବାକୁ ଯାଉଛି । ଶ୍ରୀ ରୁବିଓ ଆସନ୍ତା ଶନିବାର ଦିନ ୪ ଦିନିଆ ଗସ୍ତରେ ଭାରତ ଆସିବେ । ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ । ଶ୍ରୀ ରୁବିଓ କୋଲ୍‌କାତା, ଆଗ୍ରା, ଜୟପୁର ଏବଂ ନୂଆଦିଲ୍ଲୀ ଗସ୍ତ କରିବା ସହ ୨୬ ତାରିଖରେ କ୍ୱାର୍ଡ଼ ବୈଠକରେ ଅଷ୍ଟ୍ରେଲିଆ ଏବଂ ଜାପାନର ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବୈଠକରେ ଅଧ୍ୟକ୍ଷତା କରିବେ ।

# ଫାଲ୍ଟା ରିପୋଲ୍

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ସ୍ଥିତ ଫାଲ୍ଟା ବିଧାନସଭା ଆସନରେ ଆଜି ପୁନଃ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେଉଛି । ସକାଳ ୭ଟାରେ ଭୋଟ୍‌ଗ୍ରହଣ ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟା ୬ଟାରେ ଏହା ଶେଷ ହେବ । ୨ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୬ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀ ଖାଁ ନିର୍ବାଚନରୁ ଓହରି ଯାଇଥିବାବେଳେ ପ୍ରତ୍ୟାହାର ତାରିଖ ଅତିକ୍ରମ କରିଯାଇଥିବାରୁ ତାଙ୍କ ନାମ ବାଲାଟ୍ ପେପରରେ ରହିଛି । ବି.ଜେ.ପି. ପ୍ରାର୍ଥୀ ଦେବାଂଶୁ ପଣ୍ଡା, କଂଗ୍ରେସ ପ୍ରାର୍ଥୀ ଅବଦୁଲ ରଜାକ୍ ମୁଲ୍ଲା ଏବଂ ସି.ପି.ଆଇ.ଏମ୍. ପ୍ରାର୍ଥୀ ଶମ୍ଭୂନାଥ କୁର୍ମିଙ୍କ ମଧ୍ୟରେ ମୁଖ୍ୟତଃ ମୁକାବିଲା ହେଉଛି । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ ଶାନ୍ତିପୂର୍ଣ୍ଣ ମତଦାନ ନିମନ୍ତେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ୨୮୫ଟି ଯାକ ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି । ଏହି ବିଧାନସଭା ଆସନରେ ୨ ଲକ୍ଷ ୩୬ ହଜାରରୁ ଅଧିକ ଭୋଟର୍ ରହିଛନ୍ତି ।

# ପ୍ରଧାନ - ସୋସିଆଲ୍ ମେଡିଆ

ସାମାଜିକ ଗଣମାଧ୍ୟମଗୁଡ଼ିକରେ ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ବନ୍ଧରେ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରାଯାଉଥିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସାମାଜିକ ଗଣମାଧ୍ୟମଗୁଡ଼ିକର ପ୍ରତିନିଧିଙ୍କ ସହ ବୈଠକ କରିଛନ୍ତି । ବିଶେଷଭାବେ ମେଟା, ଗୁଗୁଲ୍ ଓ ଟେଲିଗ୍ରାମ୍‌ର ପ୍ରତିନିଧିଙ୍କ ସହ ମିଥ୍ୟା ତଥ୍ୟ ପ୍ରସାର ନେଇ ଆଲୋଚନା ହୋଇଛି । ଆସନ୍ତାମାସ ୨୧ ତାରିଖରେ ନୀଟ୍ ୟୁ.ଜି. ପ୍ରବେଶିକା ପରୀକ୍ଷା ପୁନର୍ବାର ଅନୁଷ୍ଠିତ ହେବାକୁ ଥିବାରୁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ପର୍କରେ ପ୍ରଶ୍ନପତ୍ର ପ୍ରଘଟ ଏବଂ ଯାଞ୍ଚ୍ ହୋଇ ନ ଥିବା ତଥ୍ୟ ପ୍ରସାରଣ କରିବା ଫଳରେ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି ।

ଅନ୍ୟ ଏକ ବୈଠକରେ ଆଗାମୀ ନୀଟ-ୟୁ.ଜି. ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଢଙ୍ଗରେ କରିବା ଲାଗି ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ଉପରେ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ରୀୟ ସୁରକ୍ଷା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରଧାନ କହିଛନ୍ତି, ଯେଉଁସବୁ ଚ୍ୟାନେଲ୍‌ଗୁଡ଼ିକ ମିଥ୍ୟା ତଥ୍ୟ ପ୍ରସାରଣ କରୁଛନ୍ତି, ସେଗୁଡ଼ିକୁ ବନ୍ଦ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ପରୀକ୍ଷଣ ସଂସ୍ଥା ସହ ସମନ୍ୱୟ ରକ୍ଷାକରି ମିଥ୍ୟା ତଥ୍ୟ ପ୍ରସାରଣ ନ କରିବା ଓ ପରୀକ୍ଷାର

ସ୍ୱଚ୍ଛତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

## ପ୍ରଧାନ - ସୋସିଆଲ୍ ମେଡିଆ

ସାମାଜିକ ଗଣମାଧ୍ୟମଗୁଡ଼ିକରେ ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ବନ୍ଧରେ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରାଯାଉଥିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସାମାଜିକ ଗଣମାଧ୍ୟମଗୁଡ଼ିକର ପ୍ରତିନିଧିଙ୍କ ସହ ବୈଠକ କରିଛନ୍ତି । ବିଶେଷଭାବେ ମେଟା, ଗୁଗୁଲ୍ ଓ ଟେଲିଗ୍ରାମ୍‌ର ପ୍ରତିନିଧିଙ୍କ ସହ ମିଥ୍ୟା ତଥ୍ୟ ପ୍ରସାର ନେଇ ଆଲୋଚନା ହୋଇଛି । ଆସନ୍ତାମାସ ୨୧ ତାରିଖରେ ନୀଟ୍ ୟୁ.ଜି. ପ୍ରବେଶିକା ପରୀକ୍ଷା ପୁନର୍ବାର ଅନୁଷ୍ଠିତ ହେବାକୁ ଥିବାରୁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ପର୍କରେ ପ୍ରଶ୍ନପତ୍ର ପ୍ରଘଟ ଏବଂ ଯାଞ୍ଚ୍ ହୋଇ ନ ଥିବା ତଥ୍ୟ ପ୍ରସାରଣ କରିବା ଫଳରେ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି ।

ଅନ୍ୟ ଏକ ବୈଠକରେ ଆଗାମୀ ନୀଟ-ୟୁ.ଜି. ପୁନଃ ପରୀକ୍ଷାକୁ ସ୍ୱଚ୍ଛ ଢଙ୍ଗରେ କରିବା ଲାଗି ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ଉପରେ ଶିକ୍ଷାମନ୍ତ୍ରୀ ଶ୍ରୀ

ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ରୀୟ ସୁରକ୍ଷା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରଧାନ କହିଛନ୍ତି, ଯେଉଁସବୁ ଚ୍ୟାନେଲ୍‌ଗୁଡ଼ିକ ମିଥ୍ୟା ତଥ୍ୟ ପ୍ରସାରଣ କରୁଛନ୍ତି, ସେଗୁଡ଼ିକୁ ବନ୍ଦ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ପରୀକ୍ଷଣ ସଂସ୍ଥା ସହ ସମନ୍ୱୟ ରକ୍ଷାକରି ମିଥ୍ୟା ତଥ୍ୟ ପ୍ରସାରଣ ନ କରିବା ଓ ପରୀକ୍ଷାର ସ୍ୱଚ୍ଛତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

## ଡବ୍ଲ୍ୟୁ.ବି. ବି.ଏସ୍.ଏଫ୍. ଲ୍ୟାଣ୍ଡ

ଭାରତ ଓ ବାଂଶାଦେଶ ସୀମାରେ କଣ୍ଟାବାଡ଼ ସ୍ଥାପନ ଲାଗି ପଶ୍ଚିମବଙ୍ଗ ସରକାର ସୀମା ସୁରକ୍ଷା ବଳକୁ ଜମି ହସ୍ତାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି । ଗତକାଲି ନବନ୍ନାରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆନୁଷ୍ଠାନିକ ଭାବେ ବି.ଏସ୍.ଏଫ୍. ଅଧିକାରୀଙ୍କ ଉପସ୍ଥିତିରେ ଏହି ପକ୍ରିୟା ଆରମ୍ଭ କରିଛନ୍ତି । ପୂର୍ବତନ ସରକାର କଣ୍ଟାବାଡ଼ ଲଗାଇବା କାର୍ଯ୍ୟରେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଦେଶର ସୁରକ୍ଷା ଦିଗରେ ତାରବାଡ଼ ଲଗାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ବାଂଲାଦେଶ ପଟୁ

ଭାରତ ମଧ୍ୟକୁ ଅବୈଧ ପ୍ରବେଶ ରୋକିବା ସହ ତାରବାଡ଼ ସ୍ଥାପନ ଦ୍ୱାରା ନିଶାଦ୍ରବ୍ୟ କାରବାର, ନକଲି ମୁଦ୍ରା କାରବାର, ଧର୍ମାନ୍ତରୀକରଣ ଓ ଅପରାଧ ରୋକାଯାଇପାରିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି । ଭାରତ-ବାଂଲାଦେଶ ମଧ୍ୟରେ ୪ ହଜାର କିଲୋମିଟର ସୀମାବର୍ତ୍ତୀ ଅଞ୍ଚଳ ରହିଥିବାବେଳେ ପଶ୍ଚିମବଙ୍ଗରେ ୨ ହଜାର ୨୦୦ କିଲୋମିଟର ରହିଛି । ସେଥିମଧ୍ୟରୁ ୧ ହଜାର ୬୦୦ କିଲୋମିଟର ଦୀର୍ଘ ସୀମାରେ ତାରବାଡ଼ ବସି ସାରିଥିବାବେଳେ ୬୦୦ କିଲୋମିଟର ଦୀର୍ଘ ସୀମାରେ ତାରବାଟ ଲଗାଯିବ । ଗତକାଲି ହସ୍ତାନ୍ତର ହୋଇଥିବା ୨୭ କିଲୋମିଟର ସୀମା ମଧ୍ୟରୁ ୧୮ କିଲୋମିଟର ସୀମାରେ ତାରବାଡ଼ ଲଗାଯିବା ସହ ୯ କିଲୋମିଟର ସୀମାରେ ବି.ଏସ୍.ଏଫ୍. ଆଉଟ୍‌ପୋଷ୍ଟ ଏବଂ ଭିତ୍ତିଭୂମି ନିର୍ମାଣ କରାଯିବ । ଏଥିଲାଗି ଆବଶ୍ୟକ ଖର୍ଚ୍ଚ କେନ୍ଦ୍ର ସରକାର ଏବଂ ବି.ଏସ୍.ଏଫ୍. ବହନ କରିବେ । ଆଗାମୀ ଦିନରେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜିଲ୍ଲା ପ୍ରଶାସନ, ବି.ଏସ୍.ଏଫ୍., ରାଜ୍ୟ ପୋଲିସ ଏବଂ ସୀମା ଶୁଳ୍କ ବିଭାଗର ସମନ୍ୱୟ ବୈଠକ ନିୟମିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବି.ଏସ୍.ଏଫ୍. ମହାନିର୍ଦ୍ଦେଶକ ପ୍ରବୀଣ କୁମାର ସ୍ୱାଗତ କରିଛନ୍ତି ।

## ଆଇ.ଏମ୍.ଡି. - ୱେଦର

ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କତା ଜାରି କରିଛି । ଓଡ଼ିଶା, ଉତ୍ତର ପ୍ରଦେଶ ଏବଂ ବିଦର୍ଭ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାତି ସମୟରେ ମଧ୍ୟ ଅସହ୍ୟ ଗରମ ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ୪ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା । ଜବାବରେ କୋଲ୍‌କାତା ନାଇଟ୍ ରାଇଡର୍ସ ୭ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗୁଜରାଟ୍ ଟାଇଟନ୍‌ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ ।

## ଟେଷ୍ଟ କ୍ରିକେଟ୍ - ବ୍ୟାନ୍

ଆଇ.ସି.ସି. ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍‌ରେ ବାଂଲାଦେଶ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି । ଗତକାଲି ସିଲ୍‌ହଟ୍‌ରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ୭୮ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିବା ପରେ ଏହି ସଫଳତା ମିଳିଛି । ତାଲିକାରେ ପାକିସ୍ତାନ ଅଷ୍ଟମ ସ୍ଥାନକୁ ଖସିଆସିଛି ।

## ହକି - ଅଣ୍ଡର ୧୮

ମଧ୍ୟପ୍ରଦେଶର ଭୋପାଳସ୍ଥିତ ଉଦ୍ଧବ ଦାସ ମେହେଟ୍ଟା କେନ୍ଦ୍ରୀୟ ସାଇ କେନ୍ଦ୍ରରେ ୧୮ ବର୍ଷରୁ କମ୍ ପୁରୁଷ ହକିରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଚତୁର୍ଥ ତଥା ଫାଇନାଲ୍ ମ୍ୟାଚ୍ ୩-୩ରେ ଅମୀମାଂଶିତ ରହିଛି । ଅଷ୍ଟ୍ରେଲିଆ ବିରୋଧରେ ୪ଟିକିଆ ସିରିଜ୍‌ରେ ଭାରତୀୟ ପୁରୁଷ ଦଳ ଗୋଟିଏ ବିଜୟ ଲାଭ କରିଥିବାବେଳେ ଗୋଟିଏରେ ପରାସ୍ତ ଓ ଅନ୍ୟ ଦୁଇଟିରେ ମ୍ୟାଚ୍ ଅମୀମାଂଶିତ ରହିଛି । ଅନ୍ୟପକ୍ଷରେ ୧୮ ବର୍ଷରୁ କମ୍ ଭାରତୀୟ ମହିଳା ହକି ଟିମ୍ ଅଷ୍ଟ୍ରେଲିଆକୁ ଫାଇନାଲ୍ ମ୍ୟାଚ୍‌ରେ ୪-୧ରେ ପରାସ୍ତ କରିଛି ।

*****